Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

**ସପ୍ତାହ –୦୪**

ନ.-୮୭ (ଓଡିଆ ବୁଲେଟିନ)
ତାରିଖ- ୨୪.୦୧.୨୦୨୪

**(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)**

**ବିଶେଷ ସୂଚନା**

- **ବର୍ଷା ଛାଡିବା ପର୍ଯ୍ୟନ୍ତ ଫସଲରେ ସାର ଓ କୀଟ ନାଶକ ପ୍ରୋୟୋଗ ସାମୁହିକ ଭାବେ ସ୍ଥଗିତ ରଖନ୍ତୁ ।**
- **ଅମଳ ଉପଯୋଗୀ ପନିପରିବାକୁ ଅମଳ କରିନିଅନ୍ତୁ । ଫସଲରୁ ଅଧିକ ବର୍ଷାଜଳ ନିଷ୍କାସନ ପାଇଁ ନାଳି ବ୍ୟବସ୍ଥା କରନ୍ତୁ ଓ ନାଳି ମୁହଁ ଖୋଲା ରଖନ୍ତୁ ।**
- **ପନିପରିବା ତଳି ଘେରାକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ପଲିଥିନ କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆଛାଦିନ କରିଦିଅନ୍ତୁ ଓ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।**
- **ବିଲାତି ଓ ବାଇଗଣ ଫସଲରୁ ବର୍ଷାଜଳ ନିଷ୍କାସନ ର ବ୍ୟବସ୍ଥା କରନ୍ତୁ । ବିଲାତି ଗଛକୁ ଢେରା ଦେବାର ବ୍ୟବସ୍ଥା କରନ୍ତୁ ।**
- **ବର୍ଷା ଛାଡିଗଲା ପରେ ପନିପରିବା ଫସଲରେ ଝାଉଂଳା ଓ ମୂଳ ଶଢାରୋଗଲାଗିବାର ସମ୍ଭାବନା ଥାଏ। ପ୍ରତି ୧୦ ଲିଟର ପାଣିରେ** 1.5 **ଗ୍ରାମ** Streptocycline **ଏବଂ** 20 **ଗ୍ରାମ** Metalaxyl 8% + Mancozeb 64% WP **ର ମିଶ୍ରଣ କୁ ଗଛ ମୂଳରେ ପ୍ରୟୋଗ କରନ୍ତୁ ।**
- **ଧାନ ତଳିଘେରା ପ୍ରସ୍ତୁତ କରନ୍ତୁ ଓ ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ ଗ୍ରାମ** Carbendazim **କିମ୍ବା ୩ ଗ୍ରାମ** Carboxin **ଏବଂ** Thiram **ର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ ।**
- **ତଳି ଭଲ ବଢିବା ଏବଂ ଚେର ମାଟି କୁ ଧରିବା ପାଇଁ ଜମିରେ ପତଳା ପାଣି ସ୍ତର ରଖନ୍ତୁ ।**
- **ଗଜା ଧାନ କୁ କାଦୁଅ ଜମିରେ ଡ୍ରମସିଡର କିମ୍ବା ଛଟା ବୁଣା କରି ଦିଅନ୍ତୁ ।**
- **ଧାନ ତଳି ଉପାଡିବା ୨ ରୁ ୩ ଦିନ ପୂର୍ବ ରୁ ୨-୩ ସେମି ଠିଆ ପାଣି ରଖନ୍ତୁ ।**
- **ବର୍ଷା ଛାଡିଗଲା ପରେ ଆଖୁ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ଲଗାଇବାର** 3 **ଦିନ ମଧରେ ଏକର ପ୍ରତି ୮୦୦- ଗ୍ରାମ** Atrazine **ନାମକ ଘାସମରା ଔଷଧ କିମ୍ବା ୪୦୦-୫୦୦ ଗ୍ରାମ** Metribuzin **ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।**
- **ସୂର୍ଯ୍ୟମୁଖୀ ଫସଲ ବର୍ତମାନ ୨୫-୩୦ ଦିନ ଅବଧିରେ ଅଛି। ବର୍ଷା ଛାଡିଗଲା ପରେ କୋଡାଖୋସା କରି ଘାସ ବାଛି ଯବକ୍ଷାରଜାନ ଯୁକ୍ତ ସାର କୁ ପ୍ରୟୋଗ କରନ୍ତୁ।**

## ଧାନ:

**ତଳିଘେରା ପରିଚାଳନା-**

**ଡାଲୁଅ ଧାନ ପାଇଁ କାଦୁଅ ତଳିଘେରା ପ୍ରସ୍ତୁତ କରନ୍ତୁ । ତଳିଘେରା ପାଇଁ ନିର୍ବାଚିତ ଜମିକୁ ୩ ରୁ ୪ ଓଡ ଚାଷ କରି ୨ ରୁ ୩ ଦିନ ପର୍ଯ୍ୟନ୍ତ ପାଣି ଭତି କରି ରଖନ୍ତୁ। ଏହା ପରେ ତଳିଘେରା କୁ ଭଲଭାବରେ କାଦୁଅ କରି ମଇ ଦେଇ ସମତୁଲ କରି ଦିଅନ୍ତୁ। ଶେଷ ଓଡ ଚାଷ ବେଳକୁ ୨୦୦ କିଲୋଗ୍ରାମ କମ୍ପୋଷ୍ଟ କିମ୍ବା ସଢା ଗୋବର ଖତ, ୪ କିଲୋଗ୍ରାମ** DAP, **୪ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ତଳିଘେରା କୁ ସୁବିଧା ଅନୁସାରେ ଲମ୍ବା ରଖି ଛୋଟ ଛୋଟ ପଟାଳି କରନ୍ତୁ । ପଟାଳି ମଝିରେ ଜଳସେଚନ ପାଇଁ ୩୦ ସେ.ମି ଚଉଡା ନାଳି ରଖନ୍ତୁ । ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦-୫୦ ଗ୍ରାମ ବିଶୋଧିତ ଗଜା ଧାନକୁ, ଧାଡିରେ ପ୍ରତି ୫ ସେ.ମି ବ୍ୟବଧାନ ରେ ବୁଣନ୍ତୁ।**

**ବିହନ ବିଶୋଧନ-**

**ଧାନ ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ ଗ୍ରାମ** Carbendazim **କିମ୍ବା ୩ ଗ୍ରାମ** Carboxin **ଏବଂ** Thiram **ର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ।**

## ଚିନାବାଦାମ:

**ଧବଳ ଭୃଙ୍ଗ ପୋକ**

**ବର୍ଷା ଛାଡିଗଲା ପରେ ଚିନାବାଦାମ ରେ ଧବଳ ଭୃଙ୍ଗ ପୋକ ର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୬ ମିଲି** Chloropyriphous **କିମ୍ବା ୧ ମିଲି** Imidacloprid **୩୦.୫** sc **ମିଶାଇ ଗଛ ମୂଳ କୁ ଭିଜନ୍ତୁ ।**

**ମୁଗ ଓ ବିରି :**

**ସାହେବୀ ରୋଗ**

**ବର୍ତମାନ ସମୟରେ ମୁଗ ଓ ବିରି ଫସଲ ରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି । ଧଳା ମାଛି, ସାହେବୀ ରୋଗ ର ବାହକ ଅଟେ । ବର୍ଷା ଛାଡିଗଲା ପରେ ଧଳା ମାଛି ର ନିୟନ୍ତ୍ରଣ ପାଇଁ ଏକର ପ୍ରତି** triazophos @ **୪୦୦ ମିଲି କିମ୍ବା** Acetamipride @ **୪୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।**

**ଆଖୁ:**

**ବିହନ ଚୟନ ଓ ବିଶୋଧନ**

**ନାଲିସଢା ରୋଗ ନ ହେବା ପାଇଁ** CO-7219, CO-8371, CO-8013, CO-8014, CO-6907, CO-7601 **ଓ** CO-7602 **କିସମ ଚୟନ କରନ୍ତୁ । ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ କରିବା ନିହାତି ଜରୁରୀ । ବିହନ ବିଶୋଧନ କରିବା ପାଇଁ ପ୍ରଥମେ ୧୦୦-ଲିଟର ପାଣିରେ ୧୫୦-ଗ୍ରାମ** Carbendazim, **୨୦୦-ମିଲି** Chlorpyriphos **ଓ ୧-କିଲୋଗ୍ରାମ ୟୁରିଆ ସାର ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ । ଏହି ଦ୍ରବଣ ରେ ଆଖୁ ଖଣ୍ଡ ଗୁଡିକୁ ୩୦ମିନିଟ ବୁଡାଇ ମୁଖ୍ୟ ଜମିରେ ଲଗାନ୍ତୁ ।** Chlorpyriphos **କୀଟନାଶକ କୁ ମାଟିରେ ପ୍ରୟୋଗ କରୁଥିଲେ ଏହି ଦ୍ରବଣ ରେ ମିଶାନ୍ତୁ ନାହିଁ ।**

**ସୋରିଷ:**

**ଆଗରୁ ବୁଣା ଯାଇଥିବା ସୋରିଷ ଫସଲରେ ଜଉ ପୋକ ଲାଗି ବାର ସମ୍ଭାବନା ଅଛି। ବର୍ଷା ଛାଡିଗଲା ପରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି** 8-**ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ । ଜଉ ପୋକର ରାସାୟନିକ ପରିଚାଳନା ପାଇଁ ଏକର ପ୍ରତି** 40-**ଗ୍ରାମ** Thiamethoxam **ନାମକ କୀଟନାଶକ ଯାହାକି** Actara **ବା** Areva **ନାମରେ ମିଳୁଛି କିମ୍ବା** 50-**ଗ୍ରାମ** Acetamiprid **ନାମକ କୀଟନାଶକ ଯାହାକି** Dhanpreet **ବା** Manik **ନାମରେ ମିଳୁଛି,** 200-**ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।**

**ଟମାଟୋ:**

**ଧଳାମାଛି**

**ଧଳା ମାଛି କୁ ଆକ୍ରୁଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠା ଯନ୍ତା ବ୍ୟବହାର କରନ୍ତୁ । ବର୍ଷା ଛାଡିଗଲା ପରେ ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦** PPM Azadirachtin **କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳାମାଛି ର ପରିଚାଳନା ପାଇ ଏକର ପ୍ରତି ୪୦ ଗ୍ରାମ** Thiamethoxam **ନାମକ କୀଟନାଶକ କିମ୍ବା ୨୦୦ ମିଲି** Pyriproxifen **ନାମକ କୀଟନାଶକ କିମ୍ବା ୨୫୦ ମିଲି** Spiromesifen **ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।**

**ଲଙ୍କାମରିଚ:**

**ଅଷ୍ଟପଦୀ ପୋକ**

**ବର୍ଷା ଛାଡିଗଲା ପରେ ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି** Ethion **ନାମକ କୀଟନାଶକ କିମ୍ବା ୨୦୦ ମିଲି** Spiromesifen **ନାମକ କୀଟନାଶକ କିମ୍ବା ୬୦୦ ମିଲି** Propargite **ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।**

**ଆଳୁ:**

**ଆଳୁ ବିହନ ଲଗାଇବାର ୨୧ ଦିନ ପରେ ଘାସ ବାଛି କୋଡାଖୁସା କରନ୍ତୁ । ଗଛ ଠାରୁ ୩ ରୁ ୪ ସେମି ବ୍ୟବଧାନ ରେ ୨ ପାର୍ଶ୍ୱ ରେ ୨ ରୁ ୩ ସେମି ଗଭୀର ରେ ୨୬ କେଜି ୟୁରିୟା ଓ ୨୦ କେଜି ଏମ.ଓ.ପି କୁ ପ୍ରୟୋଗ କରି ମାଟି ଟେକି ଦି ନ୍ତୁ । ଆଳୁ ରେ କଟା ପୋକ ଓ ପତ୍ର ଖିଆ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି** chlorpyriphos @ **୪୦୦ ମିଲି, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।**

**ପିଆଜ:**

**ପିଆଜ ତଳିଗୁଡକି ୧୨ ରୁ୧୫ ସେ.ମି. ଉଚ୍ଚା କିମ୍ବା ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । ବର୍ଷା ଛାଡିଗଲା ପରେ ପିଆଜ ତଳି ରୋଇବା ପୂର୍ବ ରୁ ଏକର ପ୍ରତି ୧୦ ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ, ୫୨ କିଲୋଗ୍ରାମ ଡିଏପି, ୨୦ କିଲୋଗ୍ରାମ ୟୁରିଆ , ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ଏବଂ ୨୦ କିଲୋଗ୍ରାମ** Sulphur **ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଧାଡି କୁ ଧାଡି ୧୫ ସେ.ମି. ଏବଂ ଗଛ କୁ ଗଛ ୧୦ ସେ.ମି. ବ୍ୟବଧାନ ରଖି ଉପର ବେଳା ତଳି ରୋପଣ କରନ୍ତୁ ।**

**ବାଇଗଣ:**

**ଧଳାମାଛି - ଧଳା ମାଛି କୁ ଆକ୍ରୁଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠା ଯନ୍ତା ବ୍ୟବହାର କରନ୍ତୁ । ବର୍ଷା ଛାଡିଗଲା ପରେ ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ**

କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଫସଲରେ ଧଳାମାଛି ର ପରିଚାଳନା ପାଇ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ୱା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ୱା ୨୫୦ ମିଲି Spiromesifen ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**କୋବି ଜାତୀୟ ପନିପରିବା:**

ପ୍ରାଥମିକ ଅବସ୍ଥାରେ ଆଗୁଆ ଲଗାଯାଇଥିବା କୋବି ଜାତୀୟ ଫସଲରେ ବର୍ତମାନ ସମୟରେ ଠିକିରି ପିଠିଆ ପୋକ ଲାଗିବାର ସମ୍ଭାବନା ଅଛି । ବର୍ଷା ଛାଡିଗଲା ପରେ ଠିକିରି ପିଠିଆ ପୋକ ର ସୁଉକା ଗୁଡିକ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି 1 ଲିଟର ନିମ୍ବ ଆଧାରିତ କୀଟନାଶକ 300 PPM Azadirachtin କୁ 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି 400 ମିଲି Tolfenpyrad ନାମକ କୀଟନାଶକ କିମ୍ୱା 20 ଗ୍ରାମ Flubendiamide ନାମକ କୀଟନାଶକ ମିଳୁଛି କିମ୍ୱା ୭୫ ମିଲି Spinosad, 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଗେନ୍ଡୁ:**

ଜୈବିକ ଉପାୟରେ ପତ୍ରଖିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୭ ଟି ଲେଖା ସଂଘ ଆକର୍ଷକ Pheromone ଯନ୍ତ୍ର Spodolure ବ୍ୟବହାର କରନ୍ତୁ କିମ୍ୱା ଏକର ପ୍ରତି ୫ ଟି ଆଲୋକ ଯନ୍ତ୍ର ବସାନ୍ତୁ। ବର୍ଷା ଛାଡିଗଲା ପରେ ଏକର ପ୍ରତି ୫୦୦ ଗ୍ରାମ Bacillus Thuringiensis କିମ୍ୱା ୧ କିଲୋଗ୍ରାମ Beauveria bassiana କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି Chlorpyriphos ଓ Cypermethrin ର ମିଳିତ କୀଟନାଶକ କିମ୍ୱା ୩୦୦ ମି.ଲି Lambda Cyhalothrin ନାମକ କୀଟନାଶକ, ୨୦୦- ଲିଟର ପାଣିରେ ମିଶାଇ, ଉପରବେଳା ସିଂଚନ କରନ୍ତୁ।

**ଗୋଲାପ:**

ବର୍ଷା ଛାଡିଗଲା ପରେ ଗୋଲାପ ଗଛ ରେ ଉକୁଣିଆ ପୋକ ଆକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ Fenpyroximate ୫% EC @ ୨ ମିଲି କିମ୍ୱା Abamactin @୧ ମିଲି ମିଶାଇ ସିଞ୍ଚନ କରନ୍ତୁ |

**ପଶୁ ସମ୍ପଦ:**

ଗାଈଗୋରୁ ମାନଙ୍କୁ FMD, Haemorrhagic Septicaemia, Black Quarter, Enterotoxemia ଆଦି ରୋଗ ପାଇଁ ଟୀକା କାରଣ କରନ୍ତୁ । ଶୀତ ଋତୁ ରେ ଗାଈଗୋରୁ ମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଓ ଘାସ ସାଇତି ରଖନ୍ତୁ ।

**କୁକୁଡା:**

ବର୍ତମାନ ତାପମାତ୍ରା କମ ରହୁଥିବା ରୁ କୁକୁଡା ଘରେ ତାପମାତ୍ରା ନିୟନ୍ତ୍ରଣ ରଖିବା ନିହାତି ଜରୁରୀ । ତେଣୁ ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ କୁକୁଡା ଗୃହ ରେ ଇଲେକଟ୍ରିକ ବଲବ କିମ୍ୱା ହିଟର ଲଗାନ୍ତୁ ଓ ପୋଲିଥିନ କିମ୍ୱା ଝୋଟ ଅଖା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।


ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷିୟିକ ବିଶ୍ୱବିଦ୍ୟାଳୟ


ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)